# ଚାଷ ଋଣ ଛାଡ଼ ନା 'କାଳିଆ'

## ସରଳ କୁମାର୍ ଦାସ

ରାଜ୍ୟ ସରକାରଙ୍କ ପାଂଚ ପ୍ରାବଧାନ ବିଶିଷ୍ଟ 'କାଳିଆ' ଯୋଜନାରେ ଆଗାମୀ ତିନିବର୍ଷ ମଧ୍ୟରେ ୧୦,୧୮୦ କୋଟି ଟଙ୍କା ବ୍ୟୟ ହୋଇ ୫୭ଲକ୍ଷ ଚାଷୀ ପରିବାର ଉପକୃତ ହେବେ ବୋଲି ଘୋଷିତ ହେଲା । ଏହାର ପ୍ରଥମ ପ୍ରାବଧାନ ଅନୁଯାୟୀ ୩୦ ଲକ୍ଷ ଚାଷୀଙ୍କୁ ଆଗାମୀ ୫ଟି ଚାଷ ଋତୁରେ ପ୍ରତି ଋତୁ ପାଇଁ ୫ ହଜାର ଲେଖାଏଁ, ଏହିପରି ୩ ବର୍ଷରେ ସର୍ବାଧିକ ୨୫ ହଜାର ଟଙ୍କା ମିଳିବ । ଏହି ସୁବିଧା ପାଇବା ପାଇଁ ସେମାନେ ଋଣର ବୋଝ ମୁଣ୍ଡାଇ ଆଗାମୀ ୫ଟି ଋତୁ ଯାଏଁ ଚାଷ ଜାରି ରଖିବାକୁ ସମର୍ଥ ହେବେ ତ? ଦ୍ୱିତୀୟ ପ୍ରାବଧାନ ଅନୁସାରେ ୧୦ ଲକ୍ଷ ଭୂମିହୀନଙ୍କୁ ୧୨,୫୦୦ ଟଙ୍କା ଲେଖାଏଁ ଏକକାଳୀନ ଜୀବିକାର୍ଜନ ସହାୟତା ପ୍ରଦାନ କରାଯିବ । ଏମାନଙ୍କ ଚିହ୍ନଟରେ ସ୍ୱଚ୍ଛତା ଅବଲମ୍ବନ ନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ । ତୃତୀୟ ପ୍ରାବଧାନ ଅନୁସାରେ ବୃଦ୍ଧ, ଅକ୍ଷମ ଓ ଭିନ୍ନକ୍ଷମ ଚାଷୀଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ଦଶହଜାର ଟଙ୍କା ଲେଖାଏଁ, ଅର୍ଥାତ ମାସିକ ହାରାହାରି ୮୦୦ ଟଙ୍କା ପେନସନ ଭଳି ସହାୟତା ଦିଆଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

# ଆର୍ଥିକ ଅସମାନତାର ବର୍ଦ୍ଧିତ ବୋଝ

## ଭାଲଚନ୍ଦ୍ର

ବିଶ୍ୱର ଆର୍ଥିକ ବିକାଶ ଉପରେ ଚର୍ଚ୍ଚା କରିବାକୁ ପ୍ରତିବର୍ଷ ଜାନୁଆରୀ ଶେଷ ସପ୍ତାହରେ ସ୍ୱିଜରଲାଣ୍ଡର ଡାଭୋସଠାରେ "ବିଶ୍ୱ ଅର୍ଥନୈତିକ ମ  " ସମ୍ମିଳନୀ ଆୟୋଜିତ ହୋଇଥାଏ । ୧୯୭୧ ମସିହାରେ ଏକ ବ୍ରିଟିଶ ଦମ୍ପ ିଙ୍କ ଦ୍ୱାରା 'ୟୁରୋପୀୟନ ମେନେଜମେ ୍ ଫୋରମ' ନାଁରେ ଆରମ୍ଭ ହୋଇଥିବା ଏହି ମଂଚ ପରବ ର୍ୀ ଅବସ୍ଥାରେ ବିଶ୍ୱ ଅର୍ଥନୈତିକ ମଂଚରେ ପରିଣତ ହୋଇଛି । ସବୁଠାରୁ ଗୁରୁ ୍ପୂର୍ଣ୍ଣ ବିଷୟ ହେଲା ଯେ ପ୍ରତିବର୍ଷ ଏହି ସମାବେଶର ଠିକ୍ ପୂର୍ବରୁ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂସ୍ଥା 'ଅକ୍ସଫାମ୍' ପକ୍ଷରୁ ବିଶ୍ୱର ଆର୍ଥିକ ପରିସ୍ଥିତି ସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ ପାଇଥାଏ । ଗତ କିଛିବର୍ଷ ଧରି ବିଶ୍ୱରେ ଆୟର ଅସମାନତା ସମ୍ପର୍କରେ ପ୍ରକାଶ ପାଉଥିବା ଏହି ରିପୋର୍ଟ ସବୁ ଏକଦମ୍ ଚହଳ ସୃଷ୍ଟି କରିବା ସହିତ ବିଭିନ୍ନ ଦେଶ ନିଜର ଆର୍ଥିକ ବିକାଶ ସମ୍ପର୍କରେ ଦେଉଥିବା ଗୋଲାପୀ ଚିତ୍ରକୁ ପଦାରେ ପକାଇ ଦେଇଛି । ବିଶେଷ କରି ଭାରତ ପରି ଆର୍ଥିକ ଭାବେ ମୁଣ୍ଡ ଟେକୁଥିବା ଦେଶମାନଙ୍କରେ ବୃଦ୍ଧି ପାଉଥିବା ଆର୍ଥିକ ଅସମାନତାକୁ ଉଜାଗର କରିବାରେ ଏବଂ ତା ଉପରେ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇବାରେ ଏହି ରିପୋର୍ଟ ଏକରକମ ସଫଳ ହୋଇଆସୁଛି କହିଲେ ଚଳେ । 'ଅକ୍ସଫାମ୍' ପକ୍ଷରୁ ପ୍ରକାଶିତ ଏହି ରିପୋର୍ଟରେ ଭାରତର ନଅ ଜଣ ସର୍ବାଧିକ ଧନୀଲୋକଙ୍କ ପାଖରେ ଗତବର୍ଷ ଯେତିକି ସମ୍ପ ି ସୃଷ୍ଟି ହୋଇଛି ତାହା ଦେଶର ପଚାଶ ଭାଗ ଜନତାଙ୍କ ଆୟ ସହିତ ପ୍ରାୟ ସମାନ ଅଟେ ।

# ଓଡ଼ିଆ ସାହିତ୍ୟ ପ୍ରତି ଭଗବତୀଙ୍କ ଅବଦାନ

## ଆଶୀଷ ମହାପାତ୍ର

ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ କ୍ଷେତ୍ରରେ ଭଗବତୀଚରଣ ପାଣିଗ୍ରାହୀ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ହୋଇରହିବେ, ଏକଥା କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟରେ ଏକ ନବସରଣୀର ଉନ୍ମୋଚକ । ଓଡ଼ିଆ ସାହିତ୍ୟକୁ ଛାୟାବାଦ, ସ୍ୱଭାବବାଦ, ପରମ୍ପରାବାଦ, Formalism ଓ ପଳାୟନବାଦର ଭାବଧାରାରୁ ମୁକ୍ତ କରି ଏକ ସ୍ୱଚ୍ଛ ବାସ୍ତବତାର ରାସ୍ତାରେ ଚଳାଇବାର

ଯେଉଁ ନୂତନ ଧାରା ଆସିଲା, ତା'ର ସେ ଥିଲେ ନାନ୍ଦୀକାର । "କଳା, କଳା ପାଇଁ ନୁହେଁ"- "ସାହିତ୍ୟ ସାହିତ୍ୟ ପାଇଁ ନୁହେଁ" । "ସାହିତ୍ୟ ହେଉଛି ମଣିଷ ପାଇଁ, ଜୀବନ ପାଇଁ ଓ ସମାଜ ପାଇଁ," ଏହି ବାସ୍ତବତାକୁ ଭଗବତୀଚରଣ ଓ ତାଙ୍କର ସହଧର୍ମୀମାନେ ସାହିତ୍ୟର ମର୍ମବାଣୀ ରୂପେ ଫୁଟାଇଥିଲେ । ଭଗବତୀଚରଣ ଓଡ଼ିଶାରେ ଆନ୍ତର୍ଜାତିକ ଚେତନାର ସମତା ଓ ସାମାଜିକ ନ୍ୟାୟର ଜାହ୍ନବୀ ଧାରାର ସ୍ରୋତକୁ ଆଣିଥିଲେ । ଦେଶର ସ୍ୱାଧୀନତା ପ୍ରାପ୍ତିର ଉଦଗ୍ର ଆକାଂକ୍ଷା ସହିତ ସମାଜର ପୀଡ଼ିତ, ମୂର୍ଚ୍ଛିତ ଓ ଅବଦମିତ ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କର ଅବସ୍ଥାର ତଥା ଭାଗ୍ୟର ପରିବ ର୍ନ ଥିଲା ଭଗବତୀ ଚିନ୍ତାଧାରାର ମୁଖ୍ୟ ଲକ୍ଷ୍ୟ । ସେଥିନିମନ୍ତେ ସେ ସାହିତ୍ୟକୁ, ଲେଖନୀ ଚାଳନାକୁ ବ୍ୟବହାର କରିଥିଲେ ସାହିତ୍ୟରେ ଏକ ନବଦିଗନ୍ତର ସର୍ଜନା କରିବା ପାଇଁ । ସେ ସାହିତ୍ୟରେ ମାନବତା, ବିଶ୍ୱଜନୀନତା ପ୍ରକାଶିତ ହୋଇଥିଲା । ସେ ନିଜେ ନବଚେତନାର ସାହିତ୍ୟ ସୃଷ୍ଟି କରିଥିଲେ ଓ ସାହିତ୍ୟ କର୍ମ ପାଇଁ ଏକ ନବଚେତନଶୀଳ ଲେଖକ ସମାଜ ତିଆରି କରିଥିଲେ । ପ୍ରବନ୍ଧର ଆଉ ଏକ ସ୍ଥଳରେ ଭଗବତୀ କହିଛନ୍ତି, 'କ୍ଷୁଦ୍ରଗଳ୍ପରେ ଚରିତ୍ର ସୃଷ୍ଟି ପାଇଁ ସ୍ଥାନ ଅଛି । କିନ୍ତୁ ଚରିତ୍ର ସୃଷ୍ଟି ପାଇଁ ଏହା ଅତି ସଂକୀର୍ଣ୍ଣ । ଗୋଟିଏ କ୍ଷୁଦ୍ରଗଳ୍ପ ପଢ଼ିଲେ, ଚକ୍ଷୁ ସମକ୍ଷରେ ଗୋଟିଏ ଅପୂର୍ବ ସୁନ୍ଦର ଛବି ଭାସିଉଠେ । କିନ୍ତୁ ଉପନ୍ୟାସଟିଏ ଶେଷ କଲେ ନିଜକୁ ଅଧିକ ଅଭିଜ୍ଞ, ଅଧିକ ବୟସ୍କ ପରି ବୋଧହୁଏ ।' 'କଥା ସାହିତ୍ୟରେ କଳା ବୈଚିତ୍ର୍ୟ' ପ୍ରବନ୍ଧରେ ଲେଖକ ଭଗବତୀଚରଣ ଉପନ୍ୟାସ ତଥା ନାଟକର ଶୈଳୀ, ଲେଖକର ଉଦ୍ଦେଶ୍ୟ ଓ ରଚନା କୌଶଳ ଉପରେ ମଧ୍ୟ ଆଲୋଚନା କରିଛନ୍ତି । ସେ ଯୁଗର ବିଶ୍ୱ ସାହିତ୍ୟରେ ଉଭା ହୋଇଥିବା ନାଟ୍ୟକାର ଇବସେନ, ମରିଷ ମେଟାରଲି, ବୋର୍ନସନ, ବର୍ଣ୍ଣାଡ ଶ' ଓ ଟିମାସ୍‌ମ୍ୟାନ୍‌ଙ୍କ ନାମ ସେ ଉଲ୍ଲେଖ କରିଛନ୍ତି । ଭଗବତୀଚରଣ ସାହିତ୍ୟରେ ପକ୍ଷପାତ ଦୋଷ ଓ ଅନୁଦାରତା ରହିବା ଉଚିତ ନୁହେଁ ବୋଲି କହିଛନ୍ତି । କଳା ବା ସାହିତ୍ୟରେ ଘୃଣା, ହିଂସା, ତାଚ୍ଛଲ୍ୟ ରହିବା ଠିକ୍ ନୁହେଁ ବୋଲି ସେ ଜୋର ଦେଇଛନ୍ତି ।

# ଲାଲକିଲ୍ଲାରେ ନେତାଜୀଙ୍କ ନାମ ନେଲେ କଳଙ୍କ ଲିଭିଯିବ କି ?

## କିଶୋର୍ ଜେନା

ଆଜାଦ୍ ହିନ୍ଦ୍ ସରକାରଙ୍କ ୭୫ତମ ବାର୍ଷିକୀ ଏ ବର୍ଷ । ଏଣୁ ଏବର୍ଷରେ ଏହି ଫୌଜର ସର୍ବାଧିନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଦିନରେ, ମନେପଡ଼େ ସେଦିନର ତାଙ୍କରି ନିର୍ଦ୍ଦେଶରେ ପୂର୍ବ ଏସିଆରୁ ଆଜାଦ ହିନ୍ଦ୍ ବେତାର କେନ୍ଦ୍ରରୁ ତାଙ୍କ ଅନୁଷ୍ଠାନର ପ୍ରସାରଣ ଆରମ୍ଭ ଓ ଶେଷ କରାଯାଉଥିଲା ବାହାଦୂର ଶାହାଙ୍କ ଏହି ଅବିନାଶୀ ଶାୟରୀ କବିତାର ଶପଥ ବାକ୍ୟ ନେଇ । ସମ୍ପୂର୍ଣ୍ଣ ଅଣସାମ୍ପ୍ରଦାୟିକ ଓ ହିନ୍ଦୁ ମୁସଲମାନ ସମ୍ପ୍ରୀତି ଓ ଐକ୍ୟ ଉପରେ ଦଣ୍ଡାୟମାନ ହୋଇଥିଲେ ନେତାଜୀ ଏବଂ ତାଙ୍କ ଆଜାଦ ହିନ୍ଦ୍ ସରକାରର ଭାବନା । ସ୍ୱାର୍ଥାନ୍ୱେଷୀ ମହଲ ଆଜି ତାଙ୍କ ନାମ ଶତବାର ଉଚ୍ଚାରଣ କରିପାରେ, ଏପରିକି ରାଜଧାନୀ ଦିଲ୍ଲୀର ଲାଲକିଲାରୁ ଯେପରିକି ଗତ ଅକ୍ଟୋବର ୧୨ରେ କେନ୍ଦ୍ରର ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଥିଲେ ମୁଣ୍ଡରେ "ନେତାଜୀ କ୍ୟାପ୍" ପିନ୍ଧି ହାତତାଳି କିଛି ବି ପଡ଼ିଥିଲା, କିନ୍ତୁ ଅତୀତର କଳଙ୍କ କ'ଣ ମୋଚନ ହୋଇଥିଲା ? ୧୯୯୨ର ବାବରୀ ମସ୍‌ଜିଦ୍ ଭଙ୍ଗ, ୨୦୦୨ର ଗୁଜୁରାଟ ଦଙ୍ଗା ଏବଂ ୨୦୧୪ରୁ ଆଜି ପର୍ଯ୍ୟନ୍ତ ଉଗ୍ର ହିନ୍ଦୁତ୍ୱବାଦୀଙ୍କ ସକଳ ପ୍ରକାରର ଅନ୍ୟାୟ, ଅପରାଧ, କଳଙ୍କ ଓ ଆକ୍ରମଣ କ'ଣ ଏଥିରେ ଭୁଲିଯାଇ ହେବ ବା ଏଥରର ନେତାଜୀଙ୍କ ଜନ୍ମଦିନରେ ପୁଣି ସେହି ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଓ ତାଙ୍କର ବୀରତ୍ୱର ଗାଥାକୁ ଉଲ୍ଲେଖ କରିବା ସହ ତାଙ୍କୁ ହିନ୍ଦୁତ୍ୱବାଦର ପ୍ରତୀକ ରୂପେ ଚିହ୍ନିତ କରିବାର ଅପଚେଷ୍ଟା ଯାହା ଗତ କେଇବର୍ଷ ହେବ ସଂଘ ପରିବାର ପକ୍ଷରୁ କରାଯାଇଛି, ତାହା କ'ଣ ସଫଳ ହେବ ?

# ବାଲ୍ୟ ବିବାହ : ପରମ୍ପରା ପରିବ ର୍ନର ପ୍ରୟାସ

## ଘାସିରାମ ପଣ୍ଡା

ଓଡ଼ିଶାରେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ ପ୍ରଭୃତି ବାଲ୍ୟବିବାହ ପ୍ରବଣ ଜିଲ୍ଲା । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ ଏହି ଜିଲ୍ଲା ମାନଙ୍କରେ ୩୦ଭାଗରୁ ଊର୍ଦ୍ଧ୍ୱ ବାଳିକା ୧୮ ବର୍ଷ ପୂର୍ବରୁ ବିବାହ କରନ୍ତି । ଏଗୁଡ଼ିକ ଆଦିବାସୀ-ବହୁଳ ଅଟେ । ଏଣୁ ଶିକ୍ଷାର ଅଭାବ, ଦାରିଦ୍ର୍ୟ ପ୍ରଭୃତିକୁ ବାଲ୍ୟବିବାହ ପାଇଁ ଦାୟୀ କରାଯାଉ ଥିଲେ ବି, ବିବାହକୁ ନେଇଥିବା ଆଦିବାସୀ ପରମ୍ପରାକୁ ମଧ୍ୟ ଏକ ବିଶେଷ କାରଣ ଭାବରେ ଗ୍ରହଣ କରାଯାଇଛି । ବାଲ୍ୟବିବାହ ନିଷେଧ ଆଇନ ଅନୁଯାୟୀ ଝିଅ ୧୮ ଓ ପୁଅ ୨୧

ବର୍ଷ ପୂର୍ବରୁ ବାହାହେଲେ ବାଲ୍ୟବିବାହ କୁହାଯିବ । ହେଲେ ଆଦିବାସୀ ସମାଜରେ ବୟସକୁ ବାହାଘରର ମାପକାଠି ଆକାରରେ ନେବା କଷ୍ଟକର ଅଟେ । ଏହିସବୁ ଅଂଚଳରେ ଜନ୍ମ ପଞ୍ଜିକରଣ, ବିଦ୍ୟାଳୟରେ ନାମଲେଖାର ପ୍ରଚଳନ ଏତେ ବେଶି ନଥିଲା । ଏଣୁ ବୟସ ପ୍ରମାଣ ସମ୍ଭବ ହୋଇପାରେ ନାହିଁ । ଝିଅ ଟିକିଏ ବଡ଼ ହୋଇ ଶାଢ଼ୀ ପିନ୍ଧି ଜାଣିଲେ, ବିଲ ବା ଜଙ୍ଗଲକୁ ଯାଇପାରିଲେ, ଘର କାମ କରିପାରିଲେ ବାହାଘର ଚିନ୍ତା ଆସେ । ଅନେକ ଆଦିବାସୀ ସମ୍ପ୍ରଦାୟରେ ଝିଅଟିଏର ପ୍ରଥମ ଋତୁସ୍ରାବକୁ ଧୂମଧାମରେ ପାଳନ କରାଯାଏ । ଝିଅଟି ବାହା ହେବାପାଇଁ ପ୍ରସ୍ତୁତ ହୋଇଗଲା ବୋଲି ସେଦିନ ଏକପ୍ରକାର ଘୋଷଣା କରାଯାଏ । ବରଂ ଋତୁସ୍ରାବ ପୂର୍ବରୁ ବାହା ହେଉଥିଲେ ବାଲ୍ୟବିବାହ ଓ ପରେ ହେଲେ ସ୍ୱାଭାବିକ ବୋଲି ଅନେକ ଜାଗାରେ ଧାରଣା ରହିଛି । ଆମ ରାଜ୍ୟରେ ୬୨ପ୍ରକାରର ତଫସିଲଭୁକ୍ତ ଜନଜାତି ଅଛନ୍ତି । ଏହା ବ୍ୟତୀତ ଆହୁରି ଅନେକ ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି । ସମସ୍ତଙ୍କର ଭିନ୍ନ ଭିନ୍ନ ବିବାହ ପରମ୍ପରା ରହିଛି । କୋରାପୁଟରେ କନ୍ଧ ଯୁବକମାନେ ମେଳ ହୋଇ ଆଉ ଗୋଟେ ଗାଁକୁ ରାତିରେ ଡୁଣ୍ଡୁଣି ମାରିବା ପାଇଁ ଯାନ୍ତି । ଏଥିରେ କଂସା ଢାଳରେ ବାଜା ବଜେଇ ପୁଅମାନେ ଦଳହୋଇ ଗୀତ ମାଧ୍ୟମରେ ପ୍ରେମ ନିବେଦନ କରିବା ସହିତ ଜୀବନସାଥି ହେବା ପାଇଁ ଅନୁରୋଧ କରନ୍ତି । ପୁଅର ଅନୁରୋଧକୁ ଝିଅମାନେ ମଧ୍ୟ ଗୀତରେ ଉ ର ଦିଅନ୍ତି । ପରସ୍ପରର ସହମତି ନହେବା ପର୍ଯ୍ୟନ୍ତ ଏହା ଚାଲେ । ଯାଜପୁର ଜିଲ୍ଲା ନଗଡ଼ା ଅ ଳରେ ରହୁଥିବା ଜୁଆଙ୍ଗମାନଙ୍କର ପରମ୍ପରା କିନ୍ତୁ ଟିକେ ଅଲଗା । ପୁଅର ନିଶ ଦାଢ଼ି ହେବା ଆଗରୁ ଏମାନେ ବାହା ହୁଅନ୍ତି । ଏଣୁ ସାଧାରଣତଃ ଉଭୟ ପୁଅ ଓ ଝିଅ ବହୁତ କମ ବୟସରେ ବାହା ହୁଅନ୍ତି । ଏହା ବ୍ୟତୀତ ଝୋଲା, ଝିଙ୍କା, ମାଗଂନି, ଉଧୁଲିଆ ଭଳି ଅନେକ ବିବାହ ପ୍ରଥା ରହିଛି । କିଛି ସମ୍ପ୍ରଦାୟରେ ଥିବା ଧାଙ୍ଗଡ଼ା ଓ ଧାଙ୍ଗଡ଼ି ବସା ମଧ୍ୟ ଏକ ସ୍ୱତନ୍ତ୍ର ପରମ୍ପରା ଯାହା ଏବେ ଅବଲୁପ୍ତ ହୋଇଯାଉଛି । କନ୍ୟା ମାଗଂନି କିଛି ସମ୍ପ୍ରଦାୟରେ ଏକ ବହୁ ପ୍ରଚଳିତ ବିବାହ ପରମ୍ପରା । ଏଥିରେ ପୁଅଟି ହାଟ ବା ଯାନି ଯାତ୍ରାରେ ଝିଅକୁ ଦେଖି ପସନ୍ଦ କରେ । ପରେ ପୁଅ ଘର ଲୋକେ ପ୍ରସ୍ତାବ ନେଇ ଝିଅ ମାଗିବାପାଇଁ ଆସନ୍ତି । ଏହି ସମୟରେ ଝିଅ ଘରେ ଦୀପଟିଏ ଜାଳି ଚର୍ଚ୍ଚା ଆଲୋଚନା ହୁଏ । ଝିଅ ଦୀପଟିକୁ ଲିଭେଇ ଦେଲେ ତାର ସହମତି ନାହିଁ ବୋଲି ଧରି ନିଆଯାଏ । ଅନ୍ୟଥା ବିବାହ ସ୍ଥିର ହୁଏ । ଏହିପରି ଅନେକ ଉଦାହରଣ ରହିଛି । ବିବାହରେ ପୁଅ ଓ ଝିଅର ମତକୁ ଗୁରୁତ୍ୱ ଦିଆଯିବା ଭଳି ପ୍ରଗତିଶୀଳ ପରମ୍ପରା ଅନେକ ଆଦିବାସୀ ସମ୍ପ୍ରଦାୟରେ ରହିଛି । ଝିଅ,ପୁଅର ମତକୁ ପ୍ରାଥମିକତା ଦେଉଥିଲେ ହେଁ ବିବାହ ବୟସକୁ ନେଇ ପରମ୍ପରା ଉଦାସୀନ । ଝିଅଟିଏ ପାଇଁ ପ୍ରଜନନ କ୍ଷମତା ହିଁ ଯୋଗ୍ୟତା ଓ ବିବାହ ମାଧ୍ୟମ ଭାବେ ସମାଜ ଗ୍ରହଣ କରିଥିବା ହେତୁ ପ୍ରଥମ ଋତୁସ୍ରାବ ପରେ ବୟସ ନିର୍ବିଶେଷରେ ବିବାହ ପ୍ରକ୍ରିୟା ଆରମ୍ଭ ହୁଏ । ଏହି ସମୟରେ ଝିଅର ବୟସ ଅତି ବେଶିରେ ୧୨, ୧୩ ହୋଇଥାଏ । ଫଳସ୍ୱରୂପ ମା ଓ ଶିଶୁର ପ୍ରସବକାଳୀନ ମୃତ୍ୟୁ, ରକ୍ତହୀନତା, ଅପପୁଷ୍ଟି ପ୍ରଭୃତି ସମସ୍ୟା ଦେଖା ଦେଇଥାଏ । ଆଗ ଅପେକ୍ଷା ଏବେ ଏହି ସମାଜମାନଙ୍କରେ ଏନେଇ ସଚେତନତା ବଢ଼ିଛି । ବହୁତ ଆଦିବାସୀ ସମାଜ ବାଲ୍ୟବିବାହ କାରଣରୁ ଏସବୁ ସମସ୍ୟା ଉପୁଜୁଥିବା ଅନୁଭବ କରି ବିଲୋପ ପାଇଁ ପଦକ୍ଷେପ ନେବା ଆରମ୍ଭ କଲେଣି । କୋରାପୁଟରେ କନ୍ଧ, ସୁନ୍ଦରଗଡ଼ରେ ପାଉଡ଼ିଭୂୟାଁ, ରାୟଗଡ଼ାରେ ସୌରା, କେନ୍ଦୁଝରରେ ଜୁଆଙ୍ଗ, ବୌଦ୍ଧରେ ଡୁମ୍ବାଳ, ବଲାଙ୍ଗିରରେ କୁଲୁତା ସମାଜ ଏଦିଗରେ ଆଲୋଚନା କରି ୧୮ବର୍ଷ ତଳକୁ ଝିଅ ଓ ୨୧ ବର୍ଷ ତଳକୁ ପୁଅର ବାହାଘରକୁ ସାମାଜିକ ସ୍ତରରେ ନିଷିଦ୍ଧ କରିଛନ୍ତି । ସଚେତନତା ପାଇଁ ନିଜ ସମାଜର ପରିଚିତ ଓ ପ୍ରଭାବଶାଳୀ ନେତୃତ୍ୱଙ୍କ ଫଟୋ ଲଗାଇ ଅନେକେ ପ୍ରାଚୀରପତ୍ର ପ୍ରସ୍ତୁତି ଓ ପ୍ରଚାର କରିଛନ୍ତି । ବଲାଙ୍ଗିର ଜିଲ୍ଲାରେ କୁଲୁତା ସମାଜ ଆଉ ପାଦେ ଆଗକୁ ଯାଇ ସମାଜସ୍ତରରେ ବିବାହର ପଞ୍ଜିକରଣ ଓ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା କରିଛନ୍ତି । ଏଦିଗରେ ଗଣ୍ଡ ସମାଜ ଅହୁରି ଦୃଢ଼ ଓ ପ୍ରଗତିଶୀଳ ମନେ ହୁଅନ୍ତି । ଏଭଳି କ୍ଷେତ୍ରରେ ବିଭିନ୍ନ ଆଦିବାସୀ ସମଜର ନେତୃବୃନ୍ଦ ଆଗେଇ ଆସି ନିଜ ପରମ୍ପରାରେ ପରିବର୍ ନର ପ୍ରୟାସ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି ପରିବର୍ ନ ଆଗାମୀ ଦିନରେ ବାଲ୍ୟ ବିବାହର ନିରାକରଣରେ ଅତ୍ୟନ୍ତ ସହାୟକ ହେବ ।

# ନୂତନ ସୂର୍ଯ୍ୟୋଦୟର ସମ୍ଭାବନା ଦେଖାଇଛନ୍ତି ବୁଣାକାର

## ଉମେଶ ବିଶ୍ୱାଳ

ବରଗଡ଼ : ଦୁଇଦିନିଆ ବରଗଡ଼ ଅଂଚଳ ଗସ୍ତ କରି ବୁଣାକାରମାନଙ୍କ ସହିତ ସାକ୍ଷାତ ଆଲୋଚନା କରି ଏବଂ ଶେଷରେ ବରଗଡ଼ ଜିଲ୍ଲାର ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡାଠାରେ ବୁଣାକାରମାନଙ୍କ ଏକ ସମାବେଶକୁ ଉଦବୋଧନ ଦେଇ ଏହା କହିଛନ୍ତି ଜାତୀୟ

ହସ୍ତତନ୍ତ ଓ ହସ୍ତକଳା ସଂଘର ସଭାପତି ମୋହନ ରାଓ । ନବେ ଦଶକରେ ଆରମ୍ଭ ହୋଇଥିବା ଅର୍ଥନୈତିକ ସଂସ୍କାର କାର୍ଯ୍ୟକ୍ରମ ପରେ ଏ ଦେଶର ବୁଣାକାରମାନେ ଯେଉଁ ଗଭୀର ସଂକଟ ଦେଇ ଗତି କରୁଛନ୍ତି, ତାହାର ଏକ ହୃଦୟସ୍ପର୍ଶୀ ବର୍ଣ୍ଣନା କରିଥିଲେ ମୋହନ ରାଓ । ଦେଶ ଏବଂ ରାଜ୍ୟମାନଙ୍କର ସରକାରମାନେ ବୁଣାକାରମାନଙ୍କ ସମସ୍ୟା ସମ୍ପର୍କରେ ସମ୍ପୂର୍ଣ୍ଣ ଉଦାସୀନ ରହି ଅନ୍ତଃରାଷ୍ଟ୍ରୀୟ ବସ୍ତ୍ର ବ୍ୟବସାୟୀ ମାନଙ୍କ ହିତରେ ନୀତି ପ୍ରଣୟନ କରି ଆସୁଛନ୍ତି । ତଦ୍ୱାରା ବୁଣାକାରମାନଙ୍କ ସ୍ଥିତି ଦିନକୁଦିନ ଅଧିକ ବିପନ୍ନ ହୋଇଚାଲିଛି । ଅଣ ସଂଗଠିତ ବୁଣାକାରମାନେ ପ୍ରତିବାଦ କରିବା ପାଇଁ ଶକ୍ତି ଏକାଠି କରିପାରୁନାହାନ୍ତି । ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ଯେଉଁଠି ବୁଣାକାରମାନେ ସଂଗଠିତ ହୋଇ ଗତ ୩୦ ବର୍ଷ ଧରି ପ୍ରତିବାଦ କରିଛନ୍ତି ବା ଆନ୍ଦୋଳନ କରିଛନ୍ତି ସେଠି ସରକାରମାନେ ବୁଣାକାରମାନଙ୍କ ହିତରେ କିଛି ନୀତି ପ୍ରଣୟନ ହୋଇଛି । ଏଥିପାଇଁ ଉ ର ପୂର୍ବାଂଚଳର କେତେକ ରାଜ୍ୟ ସମେତ ଆନ୍ଧ୍ର ଓ ତେଲେଙ୍ଗାନାର ବୁଣାକାରମାନଙ୍କୁ ବଳିଦାନ ବି ଦେବାକୁ ପଡ଼ିଛି । ବିନା ବଳିଦାନରେ ସଙ୍ଗଠନ ପ୍ରତିବାଦ ଆପଣାଛାଏଁ ହୋଇପାରିବ ଏଭଳି ଭାବିବା ଉଚିତ ନୁହଁ ବୋଲି ମୋହନ ରାଓ ବୁଣାକାର ସମୁଦାୟକୁ ଆହ୍ୱାନ ଦେଇଥିଲେ ।

ଓଡ଼ିଶାର ବୁଣାକାରମାନଙ୍କର ବିଶେଷ କରି ବରଗଡ଼ ଅଂଚଳର ବୁଣାକାରମାନଙ୍କର ବାନ୍ଧକଳାର ବିବିଧତା ଏବଂ ଉତ୍କର୍ଷତା ଓଡ଼ିଶାର ବୁଣାକାରମାନଙ୍କୁ ସମଗ୍ର ଦେଶରେ ଶୀର୍ଷ ସ୍ଥାନ ଭିତରେ ରହିଛି । କିନ୍ତୁ ଏବେ ସେମାନଙ୍କର ଏହି କଳା ଓ ଦକ୍ଷତା ଉପରେ ଆଧାରିତ ଜୀବିକା ଦୁଇପଟୁ ଆକ୍ରମଣର ସାମ୍ନା କରିବାକୁ ପଡୁଛି । ପ୍ରଥମ ଆକ୍ରମଣଟି ଆସିଛି ପାୱାରଲୁମ ବା ଯନ୍ତ୍ରଚାଳିତ ତନ୍ତ ଦ୍ୱାରା ବାନ୍ଧକଳା କରାଯାଉଥିବା ଯୋଗୁଁ ପାରମ୍ପରିକ ପ୍ରକ୍ରିୟାରେ ତିଆରି ହୋଇଥିବା ବାନ୍ଧକଳାର ବସ୍ତ୍ର ବୃ ି ଟି କ୍ଷତିଗ୍ରସ୍ତ ହେଉଛି । ଦ୍ୱିତୀୟରେ ସେ ପୁଣି କହିଲେ ଯେ ସ୍କ୍ରିନ ପ୍ରିଂଟିଂ ପ୍ରଯୁକ୍ତି ବିଦ୍ୟା ଯୋଗୁଁ ପାରମ୍ପରିକ ସମ୍ବଲପୁରୀ ଶାଢ଼ୀ ଗୁଡ଼ିକୁ ବ ର୍ମାନ ମୂଲ୍ୟର ଦଶ ଭାଗରୁ ଗୋଟିଏ ଭାଗ ମୂଲ୍ୟରେ ଉତ୍ପାଦନ କରାଯାଉଥିବା ଯୋଗୁଁ ପାରମ୍ପରିକ ବୁଣାକାର ମଧ୍ୟ ବିପନ୍ନ ଅବସ୍ଥାକୁ ଆସିଯାଉଛି ।

# ଭୋଟ ଆସିଲେ ମନେପଡ଼ନ୍ତି ରାମଲାଲା

ଆଗକୁ ଆସୁଛି ସାଧାରଣ ନିର୍ବାଚନ । ରାମଲାଲାଙ୍କ ଭବ୍ୟମନ୍ଦିର ନିର୍ମାଣ ପାଇଁ କସରତ୍ ଆରମ୍ଭ ହେଲାଭଳି ମନେ ହେଉଛି । ସୁପ୍ରିମ୍‌କୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଯାଚିକା ଦାଖଲ ହୋଇ କୁହାଯାଇଛି କି ବିବାଦୀୟ ଜମିକୁ ଛାଡ଼ି ଯେଉଁ ଜମି ରହିଛି ତାହାକୁ ମାଲିକାନା ଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରିବା ଲାଗି ଦିଆଯାଉ । ବହୁ ବର୍ଷ ଧରି ଯେଉଁ ସ୍ଥିତି ଲାଗି ରହିଛି, ସେଥିରେ ଏହି ଯାଚିକା ନୂତନ ମୋଡ଼ ଦେଇଛି । ମାତ୍ର ସାଧୁସନ୍ଥମାନେ ଏବାବଦରେ ନଛୋଡ଼ବନ୍ଦା । ପରମ ଧର୍ମସଂସଦର ଯେଉଁ ଅଧିବେଶନ ପ୍ରୟାଗ ରାଜରେ ଅନୁଷ୍ଠିତ ହୋଇଥିଲା, ସେଥିରେ ଘୋଷଣା କରାଯାଇଛି ଫେବୃଆରୀ ୨୧ରେ ରାମଲାଲାଙ୍କ ମନ୍ଦିରର ଭି©ପ୍ରସ୍ତର ପଡ଼ିବ । ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଘୋଷଣାରେ ପରମ ଧର୍ମସଂସଦର ସମସ୍ତ ପ୍ରତିନିଧି ମୋହର ଲଗାଇଛନ୍ତି । ଦୁଇ ଧର୍ମସଂସଦରେ ଅଲଗା ଅଲଗା ମତ ବାହାରିବା ନେଇ ସମୀକ୍ଷକ ମହଲ କହୁଛନ୍ତି ଯେ, ବାରଣାସୀରେ ଅନୁଷ୍ଠିତ ଅଧିବେଶନ କେନ୍ଦ୍ର ସରକାରଙ୍କୁ ସୁହାଇଲା ଭଳି ମତ ଦେଇଥିବାବେଳେ କୁମ୍ଭମେଳାରେ ପ୍ରୟାଗରାଜରେ ବସିଥିବା ମହାଧର୍ମ ସଂସଦ ହେଉଛି ପ୍ରତିପକ୍ଷକୁ ସୁହାଇଲା ଭଳି । କୁହାଯାଉଛି କି ସୁପ୍ରିମ୍‌କୋର୍ଟଙ୍କ କାଳକ୍ଷେପଣ ନୀତିରେ ସାଧୁସନ୍ଥମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟିବା ପରେ ସେମାନେ ନିଜ ହେପାଜତରେ ମନ୍ଦିର ତୋଳିବାକୁ ଚାହିଁଛନ୍ତି । କ୍ଷମତାକୁ ଆସିବା ପୂର୍ବରୁ ଭାରତୀୟ ଜନତା ପାର୍ଟି ତାହାର ଇସ୍ତାହାରରେ ରାମଲାଲାଙ୍କ ମନ୍ଦିର ନିର୍ମାଣ ସକାଶେ ପ୍ରତିଶ୍ରୁତି ଦେଇଥିଲା । ଏନେଇ ସରକାର ମନ୍ଦିର ନିର୍ମାଣ ସକାଶେ ଅଗ୍ରସର ହେବା କଥା, ତାହା ହେଲାନାହିଁ । ମନ୍ଦିରପ୍ରେମୀ ମହଲରେ ଭିନ୍ନ ରକମର ଅବିଶ୍ୱାସ ପ୍ରକଟିତ ହେବାରେ ଲାଗିଲା । ବିବାଦୀୟ ଜମିରେ ମନ୍ଦିର ନିର୍ମାଣ ପାଇଁ ଅଭିଯାନ ଚଳାଇଥିବା ଶକ୍ତି ବିଶ୍ୱାସ ରଖିଥିଲେ କି ମୋଦୀ ସରକାର ପ୍ରତିଶ୍ରୁତି ପାଳନ କରିବେ । ବିଶ୍ୱ ହିନ୍ଦୁ ପରିଷଦ ଓ ସଂଘ ପରିବାରର ରାମମନ୍ଦିର ନିର୍ମାଣ ପାଇଁ ଆଗ୍ରହ ସର୍ବଜନବିଦିତ । ମାତ୍ର ମାମଲା ବହୁକାଳ ପର୍ଯ୍ୟନ୍ତ ନ୍ୟାୟାଳୟରେ ରହିଯିବାରୁ ସାଧୁ-ସନ୍ଥ ତଥା ସଂଘ ପରିବାରର ଧୈର୍ଯ୍ୟ ରହିଲା ନାହିଁ । ସୁପ୍ରିମ୍‌କୋର୍ଟ ରାମ ମନ୍ଦିର ମାମଲାର ଫଏସଲା ତାଙ୍କର ପ୍ରାଥମିକତା ନୁହେଁ ବୋଲି

ଜଣାଇ ଦେବା ପରେ ସମ୍ପୃକ୍ତ ମହଲରେ ବିରୂପ ପ୍ରତିକ୍ରିୟା ଜାତ ହେଲା । ଏହା ମଧ୍ୟରେ କେତେବେଳେ ବିଚାରପତି ଅନୁପସ୍ଥିତ ରହିବାରୁ ତ' ଆଉ କେତେବେଳେ ଅଲଗା କୌଣସି କାରଣରୁ ମାମଲାର ଶୁଣାଣି ପାଇଁ ଅବଧି ଗଡ଼ିବାରେ ଲାଗିଲା । ବସ୍ତୁତଃ ରାମଜନ୍ମଭୂମି ମାମଲାର ଫଏସଲା ପାଇଁ ନୁହେଁ, ତାହାର ବିଚାରଣା ଲାଗି ସମ୍ଭାବ୍ୟତା ନିରୂପଣ ପାଇଁ ସୁପ୍ରିମ୍‌କୋର୍ଟ ଆବେଦନର ଶୁଣାଣି କରିବା କଥା । ଜମି-ମାମଲାର ବିଚାରଣା ସକାଶେ କିଛିମାସ ତଳେ  କଂଗ୍ରେସ ନେତା ତଥା ଆଡଭୋକେଟ୍ କପିଲ ଶିବଲ ସାଧାରଣ ନିର୍ବାଚନ ପରକୁ ଘୁଂଚାଇ ଦିଆଯାଉ ବୋଲି ଯେଉଁ ଆବେଦନ କରିଥିଲେ, ତାହାର ସ୍ଥିତି ଯାହା ହେଲା ସମସ୍ତେ ଜାଣନ୍ତି ।  ନିର୍ବାଚନ ଆସିଲା ବେଳକୁ ରାମଲାଲା ମନେ ପଡୁଛନ୍ତି । ସାଧୁ ସନ୍ଥ ମାନଙ୍କ ଅବିଶ୍ୱାସ ଓ କ୍ରୋଧକୁ ଶାନ୍ତ କରିବାପାଇଁ କେନ୍ଦ୍ର ଗୋଟିଏ ମଧ୍ୟମ ପନ୍ଥା ଆଦରି ନେଲା ଭଳି ହୋଇଛି ।  ବିଜେପି ଗୋଟିଏ ପ୍ରସଙ୍ଗ କରି ଦର୍ଶାଇବାକୁ ଚାହିଁଲା କି, ରାମମନ୍ଦିର ବିବାଦର ନ୍ୟାୟିକ ସମାଧାନ ରାସ୍ତାରେ କଂଗ୍ରେସ କଂଟା ସାଜୁଛି । ବିବାଦୀୟ ଜମି ନେଇ ସୁପ୍ରିମ୍‌କୋର୍ଟଙ୍କ କାଳକ୍ଷେପଣ ନୀତି ଦେଖି ସଂଘ ପରିବାର ଓ ସାଧୁ-ସନ୍ଥ ମୋଦୀ ସରକାରଙ୍କୁ ପରାମର୍ଶ ଦେଇଥିଲେ ନ୍ୟାୟିକ ଫଏସଲା ଯାହା ହେବ ହେଉ, ତାହାକୁ ଅପେକ୍ଷା ନକରି ଅଧ୍ୟାଦେଶ ବଳରେ ମନ୍ଦିର ନିର୍ମାଣ କରାଯାଇପାରେ । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ ସୁପ୍ରିମ୍‌କୋର୍ଟଙ୍କ ବିଚାରାଧୀନ ଥିବାରୁ ତାହାର ନିଷ୍କର୍ଷକୁ ସରକାର ଅପେକ୍ଷା କରିଛନ୍ତି ।  ସ୍ୱୟଂସେବକ ସଂଘର ସରସଂଘଚାଳକ ମନ୍ଦିର ନିର୍ମାଣ ନେଇ ଯେଉଁ ବିଚାର ରଖିଥିଲେ, ସେଥିରେ ଆପାତତଃ ଭିନ୍ନ ମୋଡ଼ ଦେଲେ ଅନ୍ୟ ଜଣେ ନେତା ଭାୟାଜୀ ଯୋଷୀ । ତାଙ୍କର ବକ୍ତବ୍ୟ ଥିଲାଯେ,୨୦୨୫ ବେଳକୁ ଭବ୍ୟମନ୍ଦିର ନିର୍ମାଣ ପାଇଁ ହେବ । ଏହାର ପରୋକ୍ଷ ଅର୍ଥ ହେଉଛି, ମୋଦୀ ସରକାର ଉପରେ ରାମଲାଲାଙ୍କ ମନ୍ଦିର ଲାଗି ବଢ଼ିଚାଲିଥିବା ଚାପ ସାମାନ୍ୟ କୋହଳ କରିଦିଆ ଗଲା । *୬୭୭* ଏକର ଜମି ବିବାଦିତ ଜମି ବାହାରେ ଅଛି । ସରକାରଙ୍କ ଏହି ଆଭିମୁଖ୍ୟ ସୂଚିତ କରୁଛି ରାମଲାଲା ମନ୍ଦିର ନିର୍ମାଣର ଲାଗି କେନ୍ଦର ଆଗ୍ରହ ରହିଛି । ସାଧାରଣ ନିର୍ବାଚନ ବର୍ଷରେ ମନ୍ଦିର ବାବଦରେ କେନ୍ଦ୍ରର ଆଭିମୁଖ୍ୟ ମନ୍ଦିର ବାଦୀଙ୍କୁ ଆଶ୍ୱସ୍ତ କରିଥିବ । ସୁପ୍ରିମ୍‌କୋର୍ଟ ବିବାଦ ନେଇ କ'ଣ ଆଭିମୁଖ୍ୟ ନେଉଛନ୍ତି, ତାହା ଉପରେ ସମସ୍ତଙ୍କର ନଜର । ବାବ୍‌ରି  ଢାଂଚା ଭଙ୍ଗା ପରେ ଉତ୍ପନ୍ନ ସ୍ଥିତି ଆପାତତଃ ନାହିଁ । ତେବେ ଭୋଟ୍‌ପାଇଁ ମନ୍ଦିର ପ୍ରସଙ୍ଗକୁ ବ୍ୟବହାର କରିବାଲାଗି ହେଉଥିବା ଚାଲାକି ଧରା ପଡ଼ିଗଲା ଭଳି ହେଉଛି ।

# ଧର୍ମର ବେକ ହାଣ

**ଧ୍ରୁବ ରଣା**

ଧର୍ମ ସାରୁଛି ସବୁ,
ଧର୍ମବାଦର ଅଫିମ ନିଶାରେ
ଧରଣୀଟା ଉବୁଟୁବୁ ।
ଧରଣୀରେ ଯେତେ ତଥାକଥିତ ଏ
ଧର୍ମର ଧ୍ୱଜା ଉଡ଼େ,
ସବୁ ତ ମିଥ୍ୟା ରହସ୍ୟବାଦର
ଶୋଷଣର ଜଉ ଘରେ ।
ପୋଡ଼ି ମାରୁଛନ୍ତି ମଣିଷ ଜାତିକୁ
ଧର୍ମର ନିଆଁ ଜାଳି,
ଇହୁଦୀ, ଖ୍ରୀଷ୍ଟ, ମୁସ୍‌ଲିମ୍ କହ
ହିନ୍ଦୁର ରୂପ ଧରି ।

ସ୍ୱପ୍ନରେ ଗଢ଼ା ଚରମ ମିଥ୍ୟା
ମୁକ୍ତିବାଦର ତଳେ,
ଦିବ୍ୟ ଚେତନା ଭକ୍ତିର ପୀଠେ
ଶୋଷଣ ଆଲୋକ ଜଳେ ।
ଯୁଗ ଯୁଗ ଧରି ବିଶ୍ୱ ସୃଷ୍ଟିର
ଆଦି ଉନ୍ମେଷ କାଳୁ,
ଧର୍ମର ଠିକା ବେଠି ବୋହି ବୋହି
ଈଶ୍ୱର ମହାଘରୁ ।
ମୁଲ୍ଲା ହୋଇଛି ମୁସଲମାନ୍‌ଟା
ହିନ୍ଦୁ ହୋଇଛି ବାବା,
ପାଦ୍ରୀ ବନିଛି ଫାଦର ବେଶରେ
ବିକଶି ନକଲି ଆଭା ।
ନଥିବାରେ ଥିବା, ଥିବାରେ ନଥିବା
ସବୁ ଏମାନଙ୍କ ଖେଳ,
ମଣିଷ ଜାତିର ମହା ଶତ୍ରୁ ଏ
ଧ୍ୱଂସର କରବାଳ ।
ସୁନ୍ଦରଭାବେ ଧର୍ମର ପୁଟେ
ମୁକତି ରଙ୍ଗ ଦେଇ,
ଖାଲି ବିଭୀଷିକା ଶୋଷଣର ଛଡ଼ା
କିଛି ତ କରନ୍ତି ନାହିଁ ।
ନିଜର କଲିଜା ଚିରି ଯେ ମଣିଷ
ସବୁଟା କରୁଛି ଏଠି,
ଶଠ ଧର୍ମର ପଟ୍ଟାଦାରମାନେ
ନିଅନ୍ତି ଏହାକୁ ଲୁଟି ।
ସବୁ ଶ୍ରମ ପ୍ରେମ ଲୁଟ୍ କରି ଏ ଯେ
ମଣିଷେ ମଣିଷ କଳି,
ନିଜର ସ୍ୱାର୍ଥ ପାଇଁ ମଣିଷକୁ
ଧର୍ମରେ ଦେଇ ବଳି ।
ଉନ୍ମ   ହୋଇ ଭୋଗର ମଦିରା
ସମ୍ଭୋଗ ଯାହା କିଛି,
ସବୁତ କରନ୍ତି ଧର୍ମର ନାମେ
ମଣିଷ ଭକୁଆ ଏଠି  ।
ତମାମ ଧରଣୀ ଧର୍ମ ଖଣ୍ଡାର
ଶିକାର ଚାଲିଛି ହୋଇ,
ଧର୍ମ ନାମରେ ମଣିଷ ଦେହର

ରକ୍ତ ଯାଉଛି ବହି ।
ନିର୍ବାକ ଏଠି ପଙ୍ଗୁ ମଣିଷ
କିଛି ଜାଣି ପାରୁନାହିଁ,
ମିଥ୍ୟା ମୁକ୍ତିର ଧର୍ମର ଘରେ
ଡାକେ ଖାଲି ତ୍ରାହି ତ୍ରାହି ।
ତେଣୁ ଆଜି ଉଠେ ଗୋଟିଏ ଆବାଜ
ଉଠରେ ମଣିଷ ଜାତି
ଧର୍ମରୁ ମୁକ୍ତି ପାଇବାକୁ ହେବ
ଧର୍ମକୁ ଦେଇ ପୋତି ।
ତା'ନହେଲେ ତୁମେ ଖତମ ହୋଇବ
ଧର୍ମର କରବାଳେ,
ଧର୍ମକୁ ଧରି ମରିବ ତ ତୁମେ
ମିଥ୍ୟା ବିଶ୍ୱାସ ବଳେ ।
ତୁମ ଶିର ଯିବ ଧରଣୀ କାନ୍ଦିବ
ତୁମେ ହେବ ଧରା ଶୂନ୍ୟ,
ଧର୍ମକୁ ଧକ୍କା ମାର ମାର ଏବେ
ଧର୍ମର ବେକ ହାଣ ।

# ଆଇନ, ଅଦାଳତ ଓ ନ୍ୟାୟ

**ଭଗବାନ ସାହୁ**

ଅଦାଲତ ଗୁଡ଼ିକରେ ବିଚାରପତିମାନେ ନ୍ୟାୟ ଦେଇଥାନ୍ତି ବୋଲି ସାଧାରଣରେ ବିଶ୍ୱାସ ରହିଛି । ଅନ୍ୟ କେଉଁଠି ନ୍ୟାୟ ନମିଳିଲେ ମଧ୍ୟ ଅଦାଲତରେ ନ୍ୟାୟ ମିଳିବ ବୋଲି ସେମାନଙ୍କର ପ୍ରଗାଢ଼ ବିଶ୍ୱାସ । ଏଥିପାଇଁ ବର୍ଷ ବର୍ଷ ଧରି ସେମାନେ ଅଦାଲତକୁ ଦୌଡ଼ିଥାନ୍ତି । ଅର୍ଥ ବ୍ୟୟକରନ୍ତି । ବିଫଳ ହେଲେ, ହତାଶ ହୁଅନ୍ତି । ଭାଗ୍ୟକୁ ନିନ୍ଦନ୍ତି । ଆଇନର କାର୍ଯ୍ୟ ହେଲା, ନ୍ୟାୟକୁ ଉଦ୍‌ଘାଟିତ କରିବା । ଅଦାଲତର ବିଚାରପତି ଘଟଣା ଦେଖି ନଥାନ୍ତି । ଘଟଣା ବିଷୟରେ ଯେଉଁସବୁ ତଥ୍ୟ ଓ ସାକ୍ଷ୍ୟ ତାଙ୍କ ନିକଟରେ ଉପସ୍ଥାପିତ କରାଯାଏ, ତାହାକୁ ଭି© କରି ଆଇନର ପରିସର ମଧ୍ୟରେ ତର୍ଜମା କରି ରାୟ ଦେଇଥାନ୍ତି । ଏହି ଆଇନ ଜରିଆରେ ସତ୍ୟ ଘଟଣାଟି ଉଦ୍‌ଘାଟିତ ନ ହୋଇପାରିଲେ, ତାହା ନ୍ୟାୟକୁ ପ୍ରକାଶ କରିପାରେ ନାହିଁ । ଏଣୁ ଅଦାଲତର ସମସ୍ତ ରାୟରେ ନ୍ୟାୟ ପ୍ରକାଶ ପାଏନାହିଁ । କୌଣସି ଅପରାଧଜନିତ ଘଟଣାର ବିଚାର ଲାଗି, ପୋଲିସ, ଡାକ୍ତର ଘଟଣା ଦେଖିଥିବା ସାକ୍ଷୀ ଆଦିଙ୍କ ସହାୟତା ଆବଶ୍ୟକ ହୋଇଥାଏ । ଏହି ସାକ୍ଷ୍ୟ ମଧ୍ୟରେ କୌଣସି ଏକ ବା ଅନେକ ତଥ୍ୟ ସହ ଅପର ତଥ୍ୟର ଅମେଳ ରହିଲେ କିମ୍ବା ଅନ୍ୟ ତଥ୍ୟକୁ ଅସିଦ୍ଧ ପ୍ରମାଣିତ କରୁଥିଲେ, ମୋକଦ୍ଦମାଟି ଦୁର୍ବଳ ବା ପ୍ରମାଣିତ ହୋଇପାରେ ନାହିଁ । ସେପରି କୌଣସି ଦେୱାନୀ ମୋକଦ୍ଦମାରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତୁତ ଦସ୍ତାବିଜ, ନଥିପତ୍ର, ସାକ୍ଷ୍ୟରେ ଅମେଳ ରହିଲେ, ମୋକଦ୍ଦମାଟି ଖାରଜ ହୋଇଯାଏ । ଏଣୁ କୌଣସି ମୋକଦ୍ଦମାର ସଫଳତା ବା ବିଫଳତା, ସମ୍ପୂର୍ଣ୍ଣ ଭାବେ ତଥ୍ୟ ସମ୍ବଳିତ ନଥିପତ୍ର, ଦସ୍ତାବିଜ ଏବଂ ସାକ୍ଷୀ ପ୍ରମାଣ ଉପରେ ନିର୍ଭର କରେ ।

# ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସମ୍ବଲପୁରରେ ହାଇସ୍କୁଲ ଶିକ୍ଷା

## (ଭାରତଚନ୍ଦ୍ର ନାୟକଙ୍କ ଆତ୍ମଜୀବନୀ 'ମୋର ପୂର୍ବସ୍ମୃତି କଥା'ରୁ ସଂଗୃହୀତ)

### ଶୈଳେନ୍ ରାଉତରାୟ

ଭାରତଚନ୍ଦ୍ର ନାୟକ ପ୍ରାକ୍-ସ୍ୱାଧୀନତା କାଳର ପାଟଣା ଗଡ଼ଜାତର ରାଜଧାନୀ ବଲାଙ୍ଗୀରସ୍ଥ ମଧ୍ୟଇଂରାଜୀ ବିଦ୍ୟାଳୟରେ ପାଠପଢ଼ା ୧୯୦୨ ସାଲରେ ସାରନ୍ତି । ସେ ସମୟରେ ସମୁଦାୟ ପାଟଣା ରାଇଜରେ ଗୋଟିଏ ବୋଲି ଉଚ୍ଚବିଦ୍ୟାଳୟ ନ ଥିଲା; ତାହା ଅନେକ ପରେ ୧୯୧୭ ମସିହାରେ ଯାଇ ସ୍ଥାପିତ ହେଲା । ସେତେବେଳ ଓଡ଼ିଶାରେ ବିଶେଷତଃ ପଶ୍ଚିମ ଓଡ଼ିଶାର ଗଡ଼ଜାତମାନଙ୍କରେ, ଲୋକେ ବେଶି ପାଠଶାଠ ପଢୁ ନଥିଲେ । ମୂଳ କାରଣ ଥିଲା ଶିକ୍ଷା ପାଇଁ ସୁବିଧାର ଅଭାବ । ପାଖ ହାଇସ୍କୁଲ ଯାଇଁ ସମ୍ବଲପୁରରେ । ଏଣୁ ସଙ୍ଗତି ନ ଥିବା ବାପା ମା', ମୋଟେ ଭାରତଙ୍କୁ ସମ୍ବଲପୁର ପଠାଇବା ପାଇଁ ରାଜି ନଥିଲେ । ବାପା ମାଆଙ୍କୁ ବୁଝାଇବା ପାଇଁ ସେ ନିଜର ଏମ୍.ଇ. ସ୍କୁଲର ପ୍ରଧାନଶିକ୍ଷକ ବାଲୁକେଶ୍ୱର ମିଶ୍ରଙ୍କର ସାହାଯ୍ୟ ନିଅନ୍ତି । ବାଲୁକେଶ୍ୱର ବାବୁ ଯେବେ କହିଲେ ଯେ, ଭାରତ ତାଙ୍କର ଧରମପୁଅ ଆଉ ସେ ତାଙ୍କର ଦାୟିତ୍ୱ ନେଉଛନ୍ତି, ସେମାନେ ଆଉ ବାଧା ଦେଲେ ନାହିଁ ।

# ଇଚ୍ଛା ହେଉଛି !

### ସୁଜାତା ଜେନା

ଇଚ୍ଛା ହେଉଛି
ସ୍ୱପ୍ନ ଦେଖିବାକୁ
ମନେ ପକାଇବାକୁ ପିଲାଦିନକୁ
ବାପା, ମା'ଙ୍କ ସଙ୍ଗେ
ବିତାଇଥିବା ଅଳି ଅର୍ଦ୍ଦଳି,
ସ୍କୁଲର ସାଙ୍ଗମାନଙ୍କୁ,
ପୁଚି, ଚଟା ଖେଳକୁ,
ଦଉଡ଼ି ଡିଆଁ ଓ
ବୋହୂଚୋରିକୁ
ଅବା
ଦଉଡ଼ା ଦଉଡ଼ି ଖେଳକୁ ॥
ବିତି ଯାଇଥିବା
ହସ ଖୁସିର ସମୟକୁ
ଏସବୁ ସ୍ୱପ୍ନରେ ସତେ
ବାସ୍ତବତାଠାରୁ
ଅନେକ ଦୂରରେ ॥

ସ୍ୱପ୍ନଟା ତ' ଅତି ନିଜର
ଆବଶ୍ୟକ ନଥାଏ ସ୍ୱୀକୃତିର

ଆଖି ବନ୍ଦ କଲେ
ଆପେ ଆପେ ଆସେ,
ପୁଣି ଅପସରି ଯାଏ ।
ସେହି କ୍ଷଣିକର ଆନନ୍ଦ
ବଂଚିବାର ମୂଳ ମଞ୍ଜି ।।